[୨୦୧୩] ୧୦ ଏସ୍. ସି. ଆର୍. ୨୮୪

# ସୁଦାମ ଚରଣ ଦାଶ

# ବନାମ

# ଓଡ଼ିଶା ରାଜ୍ୟ ଏବଂ ଅନ୍ୟଜଣେ

(ଫୌଜଦାରୀ ଆବେଦନ ସଂଖ୍ୟା ୧୮୬୨/ ୨୦୧୩)

ଅକ୍ଟୋବର ୨୫, ୨୦୧୩

**[ରଞ୍ଜନା ପ୍ରକାଶ ଦେସାଇ, ନ୍ୟାୟମୂର୍ତ୍ତି ଏବଂ**
**ମଦନ ବି. ଲୋକୁର, ନ୍ୟାୟମୂର୍ତ୍ତି]**

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ – ଧାରା ୪୩୮ ଏବଂ ୪୩୯ - ପରିସର ଏବଂ ଅଭିପ୍ରାୟ - ଆଗୁଆ ଜାମିନ ପାଇଁ ଦରଖାସ୍ତ - ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା, କିନ୍ତୁ ଏହା ଦ୍ୱାରା ବିଚାରଣ ନ୍ୟାୟାଳୟକୁ ପ୍ରତିବାଦୀ ସଂଖ୍ୟା ୨– ଅଭିଯୁକ୍ତଙ୍କୁ ଜାମିନରେ ଖଲାସ କରିବାକୁ ପରବର୍ତ୍ତୀ ନିର୍ଦ୍ଦେଶ ଜାରି କରାଯାଇଥିଲା – ଉପଯୁକ୍ତତା – କୁହାଗଲା : ଆଗୁଆ ଜାମିନ ଆବେଦନର ପ୍ରାର୍ଥନାକୁ ପ୍ରତ୍ୟାଖ୍ୟାନ କରିବା ପରେ, ଉଚ୍ଚ ନ୍ୟାୟାଳୟ ପ୍ରତିବାଦୀ ୨ ଙ୍କୁ ଜାମିନରେ ଖଲାସ କରାଯିବା ଉଚିତ ବୋଲି ନିର୍ଦ୍ଦେଶ ଦେଇ ନିଜର ଆଦେଶକୁ ଅସତ୍ୟ ବୋଲି ପ୍ରମାଣିତ କରିବା ଉଚିତ ନଥିଲା – ଏହା ସର୍ତ୍ତ ଦୃଷ୍ଟିରୁ ବିରୋଧୋକ୍ତି -ଏହା ଆଗୁଆ ଜାମିନକୁ ପ୍ରତ୍ୟାଖ୍ୟାନ କରୁଥିବା ଆଦେଶକୁ ଦୁର୍ବଳ କରିଛି । ଏହିପରି ଆଦେଶ ଆଇନଗତ ଭାବରେ ଠିକ୍ ନୁହେଁ ଏବଂ ସି ଆର ପି ସି ର ଧାରା ୪୩୮ ଏବଂ ୪୩୯ ର ପରିସର ଏବଂ ଅଭିପ୍ରାୟକୁ ଅଣଦେଖା କରେ - ମାଜିଷ୍ଟ୍ରେଟ୍ କେବଳ ଏହି ଆଧାରରେ ପ୍ରତିବାଦୀ ୨ ଙ୍କୁ ଜାମିନରେ ଖଲାସ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ଏ'ପରି ଆଦେଶ ଜାରି କରିଛନ୍ତି ମାଜିଷ୍ଟ୍ରେଟଙ୍କ ପାଖରେ ଏପରି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା - ତେଣୁ, ଗୁଣବତ୍ତା ଆଧାରରେ ପ୍ରତିବାଦୀ ୨ ଙ୍କ ଦ୍ୱାରା ଦାଖଲ ହୋଇଥିବା ଜାମିନ ଆବେଦନ ଉପରେ କୌଣସି ବିବେଚନା କରାଯାଇନଥିଲା – ତେଣୁ ମାଜିଷ୍ଟ୍ରେଟଙ୍କ ଦ୍ୱାରା ପାରିତ ଆଦେଶ ନାକଚ ହୋଇଥିଲା - ନିର୍ଦ୍ଦେଶ ଜାରି କରାଗଲା ଯେ ଯଦି ପ୍ରତିବାଦୀ ୨ ହାଜର ହୁଅନ୍ତି ଏବଂ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଆତ୍ମସମର୍ପଣ କରନ୍ତି ଏବଂ ଏକ ଜାମିନ*

*ଆବେଦନକୁ ଚୟନ କରନ୍ତି, ମାଜିଷ୍ଟ୍ରେଟ୍ ତାଙ୍କ ଆବେଦନର ଯୋଗ୍ୟତା ଏବଂ ଆଇନ ଅନୁଯାୟୀ ବିଚାରପୂର୍ବକ ନିଷ୍ପତ୍ତି କରିବେ।*

ଆବେଦନକାରୀଙ୍କ ପୁଅକୁ ଏକ ହୋଟେଲରେ ହତ୍ୟା କରାଯାଇଥିଲା । ଆବେଦନକାରୀଙ୍କ ମକଦ୍ଦମା ଏହିକି ଯେ ପୋଲିସ ଏହି ମାମଲାର ସଠିକ୍ ତଦନ୍ତ କରିନଥିଲା । ଆବେଦନକାରୀ ପରିଶେଷରେ ଉଚ୍ଚ ନ୍ୟାୟାଳୟରେ ରିଟ ଆବେଦନ ଦାୟର କରିଥିଲେ । ପରବର୍ତ୍ତୀ କାଳରେ, ଅଭିଯୁକ୍ତ-ପ୍ରତିବାଦୀ ୨ ଙ୍କ ବିରୋଧରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଜାମିନ-ଅଯୋଗ୍ୟ ପରୱାନା ଜାରି କରାଯାଇଥିଲା । ପ୍ରତିବାଦୀ ୨ ଆଗୁଆ ଜାମିନ ପାଇଁ ଏକ ଆବେଦନକୁ ଚୟନ କରିଥିଲେ ।

ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଏକ ଆକ୍ଷେପିତ ଆଦେଶ ଦ୍ୱାରା ଫଏସଲା କରିଥିଲେ । ନ୍ୟାୟାଳୟ ପ୍ରତିବାଦୀଙ୍କ ବିରୋଧରେ ହୋଇଥିବା ଅଭିଯୋଗଗୁଡ଼ିକର ପ୍ରକୃତିକୁ ବିଚାରକୁ ନେଇ ମନ୍ତବ୍ୟ ଦେଲେ, ଏହା ଆଗୁଆ ଜାମିନ ମଞ୍ଜୁରିଯୋଗ୍ୟ ମାମଲା ନୁହେଁ, ତେବେ ସେ ଯାହା ହେଉ, ଏହା ନିର୍ଦ୍ଦେଶ ଦେଇଛନ୍ତି ଯେ ଯଦି ପ୍ରତିବାଦୀ ୨ ଚାରି ସପ୍ତାହ ମଧ୍ୟରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଆତ୍ମସମର୍ପଣ କରନ୍ତି ଏବଂ ଜାମିନ ପାଇଁ ଆବେଦନ କରନ୍ତି, ତେବେ ମାଜିଷ୍ଟ୍ରେଟ୍ ଉପଯୁକ୍ତ ତଥା ସଠିକ୍ ବୋଲି ବିବେଚନା କରୁଥିବା ନିୟମ ଏବଂ ସର୍ତ୍ତାନୁସାରେ ସେ ଜାମିନରେ ଖଲାସ ହେବେ । ଏହି ନିର୍ଦ୍ଦେଶାନୁଯାୟୀ, ପ୍ରତିବାଦୀ ୨ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ ଏବଂ ଜାମିନରେ ଖଲାସ ହୋଇଥିଲେ ।

ଆବେଦନକୁ ଫଏସଲା କରି, ନ୍ୟାୟାଳୟ

କହିଲେ: ୧.୧. ଯେତେବେଳେ ଉଚ୍ଚ ନ୍ୟାୟାଳୟ ଆଗୁଆ ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କଲେ, ଏହି ସଙ୍କେତ ଯଥେଷ୍ଟ ଥିଲା ଯେ ଉଚ୍ଚ ନ୍ୟାୟାଳୟ ପ୍ରତିବାଦୀ ୨ ଙ୍କୁ ଗିରଫ କରିବା ପାଇଁ ତଦନ୍ତକାରୀ ସଂସ୍ଥାର କ୍ଷମତା ଉପରେ ପ୍ରତିବନ୍ଧକ ନ ଲଗାଇବାକୁ ଉଚିତ ବୋଲି ଭାବିଲେ । ଏଭଳି ପରିସ୍ଥିତିରେ, ଅନୁସନ୍ଧାନକାରୀ ସଂସ୍ଥା, ଯଦି ବା ଏହା ଚାହୁଁଥିଲେ ଏବଂ ଭାବୁଥିଲେ ଯେ ପ୍ରତିବାଦୀ ୨ ଙ୍କୁ ହେପାଜତରେ ନେଇ ପଚରାଉଚରା କରିବା ଆବଶ୍ୟକ ଅଟେ, ତେବେ ତାଙ୍କୁ ଗିରଫ କରିପାରିଥାନ୍ତେ । ତେଣୁ, ଆଗୁଆ ଜାମିନର ପ୍ରାର୍ଥନାକୁ ପ୍ରତ୍ୟାଖ୍ୟାନ କରିବା ପରେ, ଉଚ୍ଚ ନ୍ୟାୟାଳୟ ପ୍ରତିବାଦୀ ୨ ଙ୍କୁ ଜାମିନରେ ଖଲାସ କରାଯିବା ଉଚିତ ବୋଲି ନିର୍ଦ୍ଦେଶ ଦେଇ ନିଜ

ଆଦେଶକୁ ଅସ୍ୱୀକାର କରିବା ଉଚିତ୍ ହୋଇନାହିଁ । ସର୍ତ୍ତ ଦୃଷ୍ଟିରୁ ଏହା ଏକ ବିରୋଧୋକ୍ତି । ଏହା ଆଗୁଆ ଜାମିନକୁ ପ୍ରତ୍ୟାଖ୍ୟାନ କରୁଥିବା ଆଦେଶକୁ ଦୁର୍ବଳ କରିଥାଏ । ଏତାଦୃଶ ଆଦେଶ ଆଇନଗତ ଭାବେ ସୁସ୍ଥ ନୁହେଁ । ଏହା ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ର ଧାରା ୪୩୮ ଏବଂ ୪୩୯ ର ପରିସର ଏବଂ ଅଭିପ୍ରାୟକୁ ଅଣଦେଖା କରୁଛି ।  ଏତାଦୃଶ ଆଦେଶ ଗୁଣବତ୍ତା ଆଧାରରେ ଜାମିନ ଆବେଦନ ଉପରେ ବିଚାର କରିବା ଏବଂ ଜାମିନ ପ୍ରାର୍ଥନାକୁ ମଞ୍ଜୁର କିମ୍ବା ପ୍ରତ୍ୟାଖ୍ୟାନ କରିବା ପାଇଁ ବିଚାରଣ ନ୍ୟାୟାଳୟର କ୍ଷମତା ଉପରେ ପ୍ରତିବନ୍ଧକ ଲଗାଉଛି । ଏଭଳି ଆଦେଶ କଦାପି ଜାରି କରାଯିବା ଉଚିତ ନୁହେଁ ।          [ପାରା ୩ ,୫]

୧.୨. ମାଜିଷ୍ଟ୍ରେଟ୍ କେବଳ ଏହି ଆଧାରରେ ପ୍ରତିବାଦୀ ୨ ଙ୍କୁ ଜାମିନରେ ଖଲାସ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ନିର୍ଦ୍ଦେଶ ଜାରି କରିଥିଲେ । ମାଜିଷ୍ଟ୍ରେଟଙ୍କ ପାଖରେ ଏପରି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା । ତେଣୁ, ଗୁଣବତ୍ତା ଆଧାରରେ ପ୍ରତିବାଦୀ ୨ ଙ୍କ ଦ୍ୱାରା ଦାଖଲ କରାଯାଇଥିବା ଜାମିନ ଦରଖାସ୍ତ ଉପରେ କୌଣସି ବିଚାର କରାଯାଇ ନଥିଲା । ତେଣୁ ମାଜିଷ୍ଟ୍ରେଟଙ୍କ ଦ୍ୱାରା ପାରିତ ହୋଇଥିବା ଫଳସ୍ୱରୂପ ଆଦେଶକୁ ରଦ୍ଦ କରାଯାଇଛି । ଏଭଳି ପରିସ୍ଥିତିରେ, ଯଦି ପ୍ରତିବାଦୀ ୨ ହାଜର ହୁଅନ୍ତି ଏବଂ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଆତ୍ମସମର୍ପଣ କରନ୍ତି ଏବଂ ଜାମିନ ପାଇଁ ଏକ ଆବେଦନକୁ ଚୟନ କରନ୍ତି, ମାଜିଷ୍ଟ୍ରେଟ୍ ଗୁଣବତ୍ତା ଏବଂ ଆଇନ ଅନୁଯାୟୀ ପ୍ରତିବାଦୀ ୨ ଙ୍କ ଆବେଦନ ଉପରେ ବିଚାରପୂର୍ବକ ନିଷ୍ପତ୍ତି ନେବେ । [ପାରା ୭]

*ରଶ୍ମୀ ରେଖା ଥାଟୋଇ ଏବଂ ଅନ୍ୟଜଣେ ବନାମ ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ* (୨୦୧୨) ୫ ଏସ ସି ସି ୬୯୦: ୨୦୧୨(୫) ଏସ ସି ଆର ୬୭୪; *ଗୁରୁବକ୍ଷ ସିଂ ସିବିଆ ବନାମ ପଞ୍ଜାବ ରାଜ୍ୟ* (୧୯୮୦) ୨ ଏସ ସି ସି ୫୬୫: ୧୯୮୦ (୩) ଏସ ସି ଆର ୩୮୩ ଏବଂ *ସାବିତ୍ରୀ ଅଗ୍ରୱାଲ ବନାମ ମହାରାଷ୍ଟ୍ର ରାଜ୍ୟ* (୨୦୦୯) ୮ ଏସ ସି ସି ୩୨୫: ୨୦୦୯ (୧୦) ଏସ ସି ଆର ୯୭୮ - ଉପରେ ନିର୍ଭର କରାଯାଇଥିଲା ।

### ନିର୍ଣ୍ଣୟ ଆଇନ ସନ୍ଦର୍ଭ:

| | | | |
|---|---|---|---|
| ୨୦୧୨ (୫) | ଏସ ସି ଆର ୬୭୪ | ନିର୍ଭର କରାଯାଇଥିଲା | ଅନୁଚ୍ଛେଦ ୪ |
| ୧୯୮୦ (୩) | ଏସ ସି ଆର ୩୮୩ | ନିର୍ଭର କରାଯାଇଥିଲା | ଅନୁଚ୍ଛେଦ ୪ |
| ୨୦୦୯ (୧୦) | ଏସ ସି ଆର ୯୭୮ | ନିର୍ଭର କରାଯାଇଥିଲା | ଅନୁଚ୍ଛେଦ ୪ |

ଫୌଜଦାରୀ ଅପିଲୀୟ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା ୧୮୬୨ / ୨୦୧୩ ।

ବି ଏଲ ଏ ପି ଏଲ ସଂଖ୍ୟା ୮୬୭୧/ ୨୦୧୩ ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା ୧୭.୦୫.୨୦୧୩ ରିଖର ରାୟ ଏବଂ ଆଦେଶରୁ

ଆବେଦନକାରୀଙ୍କ ତରଫରୁ ଆଦିତ୍ୟ ସି. ବି., ଅମରଜିତ ସିଂହ ବେଦୀ, ଅଭିଜିତ୍ ପଟ୍ଟନାୟକ ।

ଉତ୍ତରଦାତାମାନଙ୍କ ତରଫରୁ ଆର୍. ଭେଙ୍କଟ ରମଣ, ଶିବାଜୀ ଏମ୍. ଯାଦବ ।
ନ୍ୟାୟାଳୟରେ ରାୟ ଦିଆଯାଇଥିଲା

**(ଶ୍ରୀମତୀ) ରଞ୍ଜନା ପ୍ରକାଶ ଦେସାଇ, ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ।** ୧. ଅନୁମତି ମଞ୍ଜୁର କରାଗଲା ।

୨. ଆବେଦନକାରୀଙ୍କ ପୁଅ ରାଜୀବ ଦାସଙ୍କୁ ଏକ ହୋଟେଲରେ ୫/୧/୨୦୦୯ ରେ ହତ୍ୟା କରାଯାଇଥିଲା । ୬/୧/୨୦୦୯ ରେ ଏହା ସମ୍ବନ୍ଧରେ ଏତଲା ଦାଖଲ କରାଯାଇଥିଲା । ପି. ଏସ୍. ମାମଲା ସଂଖ୍ୟା ୪/୨୦୦୯ ପଞ୍ଜୀକୃତ ହୋଇଥିଲା । ଆବେଦନକାରୀଙ୍କ ମକଦ୍ଦମା ଏହି କି ଯେ ପୋଲିସ ଏହି ମାମଲାର ସଠିକ୍ ତଦନ୍ତ କରିନଥିଲା । ଆବେଦନକାରୀ ପରିଶେଷରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ ଆବେଦନ ଦାୟର କରିଥିଲେ । ଏହାପରେ ତଦନ୍ତ ତ୍ୱରାନ୍ୱିତ ହୋଇଥିଲା । ୩.୧.୨୦୧୩ ରେ, ରାୟଗଡ଼ାର ଏସ ଡି ଜେ ଏମ ଦ୍ୱାରା ଶ୍ରୀଯୁକ୍ତ ସ୍ୱୀକାର ନାୟକ, ଯିଏ କି ପ୍ରତିବାଦୀ ୨ ଅଟନ୍ତି, ତାଙ୍କ ବିରୋଧରେ ଜାମିନ – ଅଯୋଗ୍ୟ ପରୱାନା ଜାରି କରାଯାଇଥିଲା । ପ୍ରତିବାଦୀ ୨ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଗୁଆ ଜାମିନ ନିମନ୍ତେ ଆବେଦନ କରିଥିଲେ । ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ଆଦେଶ ଦ୍ୱାରା ଉକ୍ତ ଆବେଦନର ବିଚାରପୂର୍ବକ ନିଷ୍ପତ୍ତି କରିଥିଲେ । ଆମେ ଲକ୍ଷ୍ୟ କରିଛୁ ଯେ ଆକ୍ଷେପିତ ଆଦେଶରେ, ଉଚ୍ଚ ନ୍ୟାୟାଳୟ ଏକ ସ୍ପଷ୍ଟ ମନ୍ତବ୍ୟ ଦେଇଛନ୍ତି ଯେ ପ୍ରତିବାଦୀ ୨ ଙ୍କ ବିରୋଧରେ କରାଯାଇଥିବା ଅଭିଯୋଗର ପ୍ରକୃତିକୁ ବିବେଚନା କରି, ଆଗୁଆ ଜାମିନ ମଞ୍ଜୁର ପାଇଁ ଏହାକୁ ଏହା ଏକ ଉପଯୁକ୍ତ ମାମଲା ବୋଲି ବିବେଚନା କରିନଥିଲା । ତେବେ ସେ ଯାହା ହେଉ, ଆଶ୍ଚର୍ଯ୍ୟଜନକ ଭାବେ, ଉଚ୍ଚ ନ୍ୟାୟାଳୟ ଏକ ନିର୍ଦ୍ଦେଶ ଦେଲେ ଯେ ଯଦି ପ୍ରତିବାଦୀ ସଂଖ୍ୟା ୨ ଚାରି ସପ୍ତାହ ମଧ୍ୟରେ ରାୟଗଡ଼ାର ମାନନୀୟ ଏସ ଡି ଜେ ଏମ ଙ୍କ ସମ୍ମୁଖରେ ଆତ୍ମସମର୍ପଣ କରନ୍ତି ଏବଂ ଜାମିନ ପାଇଁ ଆବେଦନ କରନ୍ତି, ତେବେ ସେ ମାନନୀୟ ମାଜିଷ୍ଟ୍ରେଟ୍ ଉପଯୁକ୍ତ ଏବଂ ସଠିକ୍ ବୋଲି ବିବେଚନା କରୁଥିବା ସର୍ତ୍ତାବଳୀ ତଥା ନିବନ୍ଧନ ଅନୁସାରେ ଜାମିନରେ ଖଲାସ ହେବେ । ଏହି ନିର୍ଦ୍ଦେଶାନୁଯାୟୀ, ପ୍ରତିବାଦୀ ସଂଖ୍ୟା ୨

ମାନନୀୟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ ଏବଂ ୧୧/୦୬/୨୦୧୩ ରେ ଜାମିନରେ ଖଲାସ ହୋଇଥିଲେ ।

୩ . ଉଚ୍ଚ ନ୍ୟାୟାଳୟ ବିଚାରଣ ନ୍ୟାୟାଳୟକୁ ପ୍ରତିବାଦୀ ୨ ଙ୍କୁ ଜାମିନରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିବା ଦ୍ୱାରା ଆମ୍ଭେ ଆଶ୍ଚର୍ଯ୍ୟଚକିତ । ଯେତେବେଳେ ଉଚ୍ଚ ନ୍ୟାୟାଳୟ ଆଗୁଆ ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ, ସେତେବେଳେ ଏହି ସଙ୍କେତ ଯଥେଷ୍ଟ ଥିଲା ଯାହା ଉଚ୍ଚ ନ୍ୟାୟାଳୟ ବିଚାର କଲେ ଯେ ପ୍ରତିବାଦୀ ୨ ଙ୍କୁ ଗିରଫ କରିବା ପାଇଁ ତଦନ୍ତକାରୀ ସଂସ୍ଥାର କ୍ଷମତା ଉପରେ ପ୍ରତିବନ୍ଧକ ଲଗାଇବା ଉଚିତ ନୁହେଁ । ଏଭଳି  ପରିସ୍ଥିତିରେ, ଅନୁସନ୍ଧାନକାରୀ ସଂସ୍ଥା, ଯଦି ଏହା ଚାହୁଁଥିଲା ଏବଂ ଏତାଦୃଶ ଭାବୁଥିଲା ଯେ ପ୍ରତିବାଦୀ ୨ ଙ୍କୁ ହେପାଜତରେ ନେଇ ପଚରାଉଚରା କରିବା ଆବଶ୍ୟକ, ତେବେ ତାଙ୍କୁ ଗିରଫ କରିପାରିଥାନ୍ତା । ତେଣୁ, ଆଗୁଆ ଜାମିନ ପ୍ରାର୍ଥନାକୁ ପ୍ରତ୍ୟାଖ୍ୟାନ କରିବା ପରେ, ଉଚ୍ଚ ନ୍ୟାୟାଳୟ ପ୍ରତିବାଦୀ ୨ ଙ୍କୁ ଜାମିନରେ ଖଲାସ କରାଯିବା ଉଚିତ ବୋଲି ନିର୍ଦ୍ଦେଶ ଦେଇ ନିଜ ଆଦେଶକୁ ଅସ୍ୱୀକାର କରିବା ଉଚିତ୍ ନଥିଲା । ଉଭୟ ଉକ୍ତି ପରସ୍ପର ବିରୋଧାତ୍ମକ । ଏହା ଆଗୁଆ ଜାମିନକୁ ପ୍ରତ୍ୟାଖ୍ୟାନ କରୁଥିବା ଆଦେଶକୁ ଦୁର୍ବଳ କରୁଛି । ଏପରି ଆଦେଶ ଆଇନଗତ ଭାବେ ସୁସ୍ଥ  ନୁହେଁ । ଏହା ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ର ଧାରା ୪୩୮ ଏବଂ ୪୩୯ ର ପରିସର ଏବଂ ଅଭିପ୍ରାୟକୁ ଅଣଦେଖା କରୁଛି ।

୪. ସମାନ ପରିସ୍ଥିତିରେ *ରଶ୍ମି ରେଖା ଥାଟୋଇ ଏବଂ ଅନ୍ୟଜଣେ ବନାମ ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ* [1] ମାମଲାରେ ଏହି ନ୍ୟାୟାଳୟ ଏକ ଦୃଢ ଦୃଷ୍ଟିକୋଣ ଗ୍ରହଣ କରିଥିଲେ ଏବଂ କହିଥିଲେ ଯେ ଆଇନରେ ଏହିପରି ଆଦେଶଗୁଡିକରେ  କୌଣସି ଶୁଦ୍ଧତା ନାହିଁ । ଏହି ନ୍ୟାୟାଳୟର ପ୍ରାସଙ୍ଗିକ ମନ୍ତବ୍ୟକୁ ଉଦ୍ଧୃତ କରାଯାଇପାରେ:

> *"୩୩.   ଗୁରୁବକ୍ଷ ସିଂ ସିବିଆ ବନାମ ପଞ୍ଜାବ ରାଜ୍ୟ[2] ମାମଲାରେ ସାମ୍ବିଧାନିକ ବିଚାରପୀଠ କିପରି ସଂହିତାର ଧାରା ୪୩୮ ଅଧିନସ୍ଥ  ଅନ୍ତର୍ନିହିତ ଧାରଣାଗୁଡ଼ିକର ବିଶ୍ଳେଷଣ ଏବଂ ବ୍ୟାଖ୍ୟା କରିଥିଲେ, ଉକ୍ତ ବିଶେଷାଧିକାର ପ୍ରଦାନ କରିବା ସମୟରେ ପାରିତ ହେବାକୁ ଥିବା ଆଦେଶର ପ୍ରକୃତି, ଯେଉଁ ସର୍ତ୍ତଗୁଡିକ ବାଧ୍ୟତାମୂଳକ ଏବଂ ନ୍ୟାୟାଳୟ ଦ୍ୱାରା ବ୍ୟବହୃତ ହେବାକୁ ଥିବା ବିବେକଶୀଳତା ଉପରେ ଆଲୋକପାତ କରିବା ପାଇଁ ଆମେ ଉପରୋକ୍ତ ଘୋଷଣାମାନ ଉଲ୍ଲେଖ କରିଛୁ । ଉକ୍ତ ପ୍ରାଧିକୃତ ଘୋଷଣା ଏବଂ ସାବିତ୍ରୀ*

[1] (୨୦୧୨) ୫ ଏସ ସି ସି ୬୯୦ ।
[2] (୧୯୮୦) ୨ ଏସ ସି ସି ୫୬୫ ।

*ଅଗ୍ରୱାଲ ବନାମ ମହାରାଷ୍ଟ୍ର ରାଜ୍ୟ[3] ରେ ଆହରଣ କରାଯାଇଥିବା ନୀତିଗୁଡ଼ିକୁ ପଢ଼ିବା ଉତ୍ତାରେ ଏପରି କୌଣସି ସୁଦୂର ସଙ୍କେତ ସୁଦ୍ଧା ନାହିଁ ଯେ ଦୌରା ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟ ଏକ ଆଦେଶ ପାରିତ କରିପାରିବେ ଯେ ଅଭିଯୁକ୍ତ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଲେ ସେ ଏପରି ନିୟମ ଏବଂ ସର୍ତ୍ତରେ ଜାମିନରେ ଖଲାସ ହୋଇପାରିବେ ଯାହା ମାନନୀୟ ମାଜିଷ୍ଟ୍ରେଟ୍ ଉପଯୁକ୍ତ ଏବଂ ସଠିକ୍ ବୋଲି ବିବେଚନା କରିବେ ଅଥବା ଉଚ୍ଚତର ନ୍ୟାୟାଳୟ ଏପରି ଆତ୍ମସମର୍ପଣ କରିବା ଉପରେ ଜାମିନ ମଞ୍ଜୁର ପାଇଁ ସର୍ତ୍ତ ଧାର୍ଯ୍ୟ କରିବେ । ଯେତେବେଳେ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଶବ୍ଦରେ ମତବ୍ୟକ୍ତ କରିଛନ୍ତି ଯେ ଆବେଦନକାରୀ -ଅଭିଯୁକ୍ତକୁ ଆଗୁଆ ଜାମିନ ପ୍ରଦାନ କରିବାକୁ ଆଗ୍ରହୀ ନୁହଁନ୍ତି, ସେତେବେଳେ ଏହା ଏପରି ଏକ ନିର୍ଦ୍ଦେଶ ଜାରି କରିପାରିନଥାନ୍ତା ଯାହା ଦ୍ୱାରା ଅଭିଯୁକ୍ତଙ୍କୁ ଗିରଫକୁ ଏଡ଼ାଇବା ସ୍ଥିତିରେ ରହିବାର ଲାଭ ପ୍ରଦାନ କରିବା ସହିତ ସମାନ ହେବ ।  ଏହା ବୈଧାନିକ ବ୍ୟବସ୍ଥାରେ ବ୍ୟବହୃତ ଭାଷାର ସ୍ପଷ୍ଟ ପ୍ରତୀୟମାନ ଉଲଘଂନ ସଦୃଶ ଏବଂ ଗୁରୁବକ୍ଷ ସିଂ ସିବିଆ ମାମଲାର ଉକ୍ତି ତଥା ସାବିତ୍ରୀ ଅଗ୍ରୱାଲ ମାମଲାରୁ ଆହରଣ କରାଯାଇଥିବା ସିଦ୍ଧାନ୍ତର ଖୋଲାଖୋଲି ଉଲଘଂନ ଅଟେ ।"*

ଉକ୍ତ ମାମଲାରେ ପାରିତ ହୋଇଥିବା ଆଦେଶର କାର୍ଯ୍ୟକ୍ଷମ ଅଂଶ ନିମ୍ନାନୁସାରେ ପଠନୀୟ:

*"ଉପରୋକ୍ତ ସୁପ୍ରତିଷ୍ଠିତ ନୀତିଗୁଡିକ ଆଧାରରେ ବିଚାର କଲେ, ଅପରିହାର୍ଯ୍ୟ ଉପସଂହାରଟି ହେଉଛି ଯେ ଅଭିଯୁକ୍ତ ବ୍ୟକ୍ତିଗଣ  ଯଥା ଉତ୍ତମ ଦାସ, ଅଭିମନ୍ୟୁ ଦାସ ଏବଂ ମୁରଲୀଧର ପାତ୍ରଙ୍କ ଆତ୍ମସମର୍ପଣ କରିବାରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଜାମିନ ବର୍ଦ୍ଧନ ନିର୍ଦ୍ଦେଶ ଦେଇ ଦେଇଥିବା ଆକ୍ଷେପିତ ଆଦେଶ ସମ୍ପୂର୍ଣ୍ଣ ଭାବରେ ଧାରଣକ୍ଷମ ନୁହେଁ ଏବଂ ଅସଫଳ ହେବାକୁ ବାଧ୍ୟ ଏବଂ ସେହି ଅନୁଯାୟୀ ଉକ୍ତ ନିର୍ଦ୍ଦେଶଗୁଡ଼ିକୁ ରଦ୍ଦ କରାଯାଇଛି । ଫଳସ୍ୱରୂପ, ଉପରୋକ୍ତ ଅଭିଯୁକ୍ତମାନଙ୍କ ଜାମିନ ମୁଚାଲିକା ବାତିଲ କରାଯାଇଛି ଏବଂ ସେମାନଙ୍କୁ ତୁରନ୍ତ ହେପାଜତକୁ ନିଆଯିବ । ଏହା ସ୍ୱତନ୍ତ୍ର ଭାବେ କହିବା ଅନାବଶ୍ୟକ ଯେ ସେମାନେ ସଂହିତାର ଧାରା ୪୩୯ ଅଧୀନରେ ଜାମିନ ମଞ୍ଜୁର ପାଇଁ ଆବେଦନ  କରିବାକୁ ହକଦାର ଅଟନ୍ତି ଯାହାକୁ ତାହାର ନିଜସ୍ୱ ଯୋଗ୍ୟତା ଉପରେ ବିଚାର  କରାଯିବ ।"*

୫. ଏହି ଅବଲୋକନଗୁଡ଼ିକ ସହିତ ଆମ୍ଭେ ସସମ୍ମାନ ସହକାରେ ସହମତ ଅଟୁଁ । ଆମ୍ଭେ ଏହା ମଧ୍ୟ ହୃଦୟଙ୍ଗମ କରୁଛୁ ଯେ ଏଭଳି ଆଦେଶ ଗୁଣବତ୍ତା ଆଧାରରେ ବିଚାରଣ ନ୍ୟାୟାଳୟର ଜାମିନ ଆବେଦନକୁ ବିଚାର କରିବାକୁ ତଥା  ଜାମିନ ଆବେଦନକୁ ମଞ୍ଜୁର କିମ୍ବା ପ୍ରତ୍ୟାଖ୍ୟାନ କରିବାର କ୍ଷମତା ଉପରେ ପ୍ରତିବନ୍ଧକ ଲଗାଇଥାଏ । ଆମ୍ଭର ମତ ଏହି କି ଯେ ଏଭଳି ଆଦେଶ କଦାପି ପାରିତ ହେବା ଉଚିତ ନୁହେଁ ।

୬. ଏଭଳି ପରିସ୍ଥିତିରେ, ଆମ୍ଭେ ଆକ୍ଷେପିତ ଆଦେଶକୁ ରଦ୍ଦ କରୁଛୁ ।

---

3 (୨୦୦୯) ୮ ଏସ ସି ସି ୩୨୫ ।

୭. ଆକ୍ଷେପିତ ଆଦେଶାନୁସାରେ ପ୍ରତିବାଦୀ ୨ ଙ୍କୁ ଜାମିନ ମଞ୍ଜୁର କରି ରାୟଗଡ଼ାର ମାନନୀୟ ଏସ ଡି ଜେ ଏମ ଙ୍କ ଦ୍ୱାରା ପାରିତ କରାଯାଇଥିବା ଆଦେଶକୁ ଆମ୍ଭେ ଅଧ୍ୟୟନ କରିଛୁ । ସ୍ପଷ୍ଟତଃ, ଏସ ଡି ଜେ ଏମ କେବଳ ଏହି ଆଧାରରେ ପ୍ରତିବାଦୀ ୨ ଙ୍କୁ ଜାମିନରେ ଖଲାସ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ନିର୍ଦ୍ଦେଶଟି ଜାରି କରିଥିଲେ । ଏହା ବ୍ୟତୀତ ଏସ ଡି ଜେ ଏମ ଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା । ତେଣୁ, ଗୁଣବତ୍ତା ଆଧାରରେ ପ୍ରତିବାଦୀ ୨ ଙ୍କ ଦ୍ୱାରା ଦାଖଲ କରାଯାଇଥିବା ଜାମିନ ଆବେଦନ ଉପରେ କୌଣସି ବିଚାର ବିବେଚନା କରାଯାଇନାହିଁ । ତେଣୁ ଆମ୍ଭେ ରାୟଗଡ଼ାର ଏସ ଡି ଜେ ଏମ ଙ୍କ ଦ୍ୱାରା ପାରିତ ହୋଇଥିବା ତା ୧୧/୦୬/୨୦୧୩ ରିଖର ପରିଣାମସ୍ୱରୂପ ଆଦେଶକୁ ରଦ୍ଦ କରୁଛୁ । ସାଧାରଣତଃ, ଆମେ ପ୍ରତିବାଦୀ ୨ ଙ୍କୁ ଆଜି ଆତ୍ମ ସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତୁ । କିନ୍ତୁ, ଆମ୍ଭେ ଏପରି କୌଣସି ନିର୍ଦ୍ଦେଶ ଦେବାରୁ ନିବୃତ୍ତ ରହୁଛୁ । ଏତାଦୃଶ ପରିସ୍ଥିତିରେ, ଯଦି ପ୍ରତିବାଦୀ ୨ ହାଜର ହୁଅନ୍ତି ଏବଂ ୨୯/୧୦/୨୦୧୩ ରେ ଏସ ଡି ଜେ ଏମ, ରାୟଗଡ଼ାଙ୍କ ସମ୍ମୁଖରେ ଆତ୍ମସମର୍ପଣ କରନ୍ତି ଏବଂ ଜାମିନ ନିମନ୍ତେ ଆବେଦନ କରିବାକୁ ଆଗ୍ରହ କରନ୍ତି, ତେବେ ଆମେ ଏସ ଡି ଜେ ଏମ, ରାୟଗଡ଼ାକୁ ଗୁଣବତ୍ତା ଏବଂ ଆଇନାନୁଯାୟୀ ପ୍ରତିବାଦୀ ୨ ଙ୍କ ଆବେଦନ ଉପରେ ବିଚାରପୂର୍ବକ ନିଷ୍ପତ୍ତି ଦେବାକୁ ନିର୍ଦ୍ଦେଶ ଦେଉଛୁ । ଆବେଦନକାରୀ ଅଦାଲତରେ ଉପସ୍ଥିତ ରହିପାରନ୍ତି ଏବଂ ଯଦି ସେ ଚାହାଁନ୍ତି ତେବେ ଜାମିନ ଆବେଦନକୁ ବିରୋଧ କରିପାରିବେ ।

୮. ଏହି ରାୟର ଏକ ନକଲ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କ ନିକଟକୁ ପଠାଇବାକୁ ଆମ୍ଭେ ଏହି ନ୍ୟାୟାଳୟର କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଉଛୁ । ଏହି ଆଦେଶର ଏକ ନକଲ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ନ୍ୟାୟାମୂର୍ତ୍ତି ମାନଙ୍କୁ ଦେବା ପାଇଁ ଆମ୍ଭେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କୁ ଅନୁରୋଧ କରୁଛୁ ।

୯. ଏହି ଆବେଦନକୁ ଉପରୋକ୍ତ ସର୍ତ୍ତରେ ଫଏସଲା କରାଯାଉଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ**